## ରୋଗ ପୋକ ନିୟନ୍ତ୍ରଣ :

- ୧ ମି.ଲି. କ୍ଲୋରୋପାଇରିଫସ୍ (20 EC) କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ କରିବେ ଏବଂ ଧାନ ରୋପଣ ପୂର୍ବରୁ ଦ୍ରବଣରେ ତଳିକୁ ବୁଡାଇ ସାରା ରାତି ରଖିବା ଉଚିତ୍ ।
- କାଣ୍ଡବିନ୍ଧା ଏବଂ ପତ୍ରମୋଡ଼ା ପୋକକୁ ନିୟନ୍ତ୍ରଣ ପାଇଁ ପ୍ରତି ହେକ୍ଟର ପିଛା କାର୍ବୋଫ୍ୟୁରାନ ୩୦ କି.ଗ୍ରା. ପ୍ରୟୋଗ କରାଯାଏ ।
- ପତ୍ରଛଦା ପୋଡା ରୋଗ ଦେଖାଗଲେ, ଥୋଡ ଆସିବା ସମୟରେ ଯବକ୍ଷାରଜାନ ବ୍ୟବହାରକୁ ବନ୍ଦ କରିଦେବା ଉଚିତ । ରୋଗ ଲକ୍ଷଣ ଦେଖାଗଲେ ଭାଲିଡାମାଇସିନ୍ ୩.୦ ମି.ଲି. ପ୍ରତି ଲିଟର ପାଣିରେ କିମ୍ବା ପ୍ରୋପିକୋନାଜୋଲ୍ (୨୫ ପ୍ରତିଶତ) ୧ ମି.ଲି. ପ୍ରତିଲିଟର ପାଣିରେ ୫୦୦ ଲିଟର ଦ୍ରବଣ ପ୍ରତି ହେକ୍ଟର ପିଛା ପ୍ରୟୋଗ କରିବା ଉଚିତ କିମ୍ବା ଏହାକୁ ଶୀର୍ଷ ସାର ପ୍ରୟୋଗ ପରେ ପରେ ସିଞ୍ଚନ କରିବା ଉଚିତ ।
- ରୋଗ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ହୁଡାବନ୍ଧ ଭଲଭାବେ ସଫା କରିବା ଉଚିତ ।

## ଅମଳ କରିବା, ଶୁଖେଇବା ଏବଂ ସାଇତିରଖିବା

- ଫୁଲ ଆସିବାର ୩୦-୩୫ ଦିନପରେ ଫସଲ କାଟିବା ଉଚିତ । ଗଛ ସବୁଜ ରଂଗ ଥାଇ କାଟିଲେ, କେଣ୍ଡାର ମଞ୍ଜି ଝଡିବାର ଆଶଙ୍କା ନଥାଏ । ଅମଳ ସମୟରେ ଧାନର ଆର୍ଦ୍ରତା ୨୦-୨୫ ପ୍ରତିଶତ ରହିଥିବା ଉଚିତ ।
- ଫସଲ କାଟିବାର ପରେ ପରେ ଅମଳ କରିବା ଉଚିତ । ବିହନ ପାଇଁ ୧୨ ପ୍ରତିଶତ ଏବଂ ଚାଉଳ ପାଇଁ ୧୪ ପ୍ରତିଶତ ଆର୍ଦ୍ରତା ରଖିବା ଉଚିତ ।
- ଚାଉଳ କରିବା ପାଇଁ ଧାନକୁ ହଲର ମେସିନ୍ ସହାୟତାରେ କରାଯାଇପାରିବ । କିନ୍ତୁ ଅଧିକ ଲାଭ ପାଇଁ ସେଲରରେ କରିବା ଉଚିତ ।

## ଫସଲ ପର୍ଯ୍ୟାୟ :

ଡିସେମ୍ବର ପ୍ରଥମ ସପ୍ତାହରେ ଧାନଫସଲ ଅମଳ ପରେ ପରେ ଜମିରେ ଥିବା ଆର୍ଦ୍ରତାକୁ ଉପଯୋଗ କରି ମୁଗ ଫସଲ କରିବା ଉଚିତ ।

ଓଡ଼ିଶା ଉପକୂଳବର୍ତ୍ତୀ ବର୍ଷାଜଳ ପ୍ଳାବିତ
ଖାଲୁଆ ଜମି ପାଇଁ ଉଦ୍ଦିଷ୍ଟ ଅଧିକ ଅମଳକ୍ଷମ

**ସ୍ବର୍ଣ୍ଣ ସବ-୧**

ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର - ୭୪

©ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଜୁଲାଇ, ୨୦୧୧

ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ବି.ଏନ.ସଡ଼ଙ୍ଗି, ଜି.ଏ.କେ.କୁମାର ଏବଂ ସଂଧ୍ୟା ରାଣୀ ଦଲାଲ୍
ଫଟୋ: ପ୍ରକାଶ କର, ଭଗବାନ ବେହେରା ଏବଂ ଦୀପ୍ତି ରଞ୍ଜନ ସାହୁ

ମୁଦ୍ରଣ - ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ,
ଓଡ଼ିଶା - ୭୫୩ ୦୦୬ ତରଫରୁ ପ୍ରକାଶିତ

ଓଡ଼ିଶା ଉପକୂଳବର୍ତ୍ତୀ ବର୍ଷାଜଳ ପ୍ଳାବିତ
ଖାଲୁଆ ଜମି ପାଇଁ ଉଦ୍ଦିଷ୍ଟ ଅଧିକ ଅମଳକ୍ଷମ

# ଧାନ କିସମ: ସ୍ୱର୍ଣ୍ଣ ସବ-୧

ଜେ.ଏନ୍.ରେଡ୍ଡି, ଏସ୍.ଏସ୍.ସି.ପଟ୍ଟନାୟକ, ଆର୍.କେ.ସରକାର ଏବଂ କେ.ଏସ.ରାଓ



**ସ୍ବର୍ଣ୍ଣ-ସବ-୧** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଏବଂ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ମିଳିତ ଉଦ୍ୟମରେ ଆବିଷ୍କୃତ କରାଯାଇଛି । ତିନି ବର୍ଷର ଫଳାଫଳକୁ ପରୀକ୍ଷା କରିଲା ପରେ ଓଡ଼ିଶା ରାଜ୍ୟ ବିହନ ଉପକମିଟି ସ୍ୱର୍ଣ୍ଣ ସବ୍ -୧ କିସମକୁ ୨୦୦୯ ମସିହାରେ ଅନୁମୋଦନ କରିଛି । ଏହା ଏକ କମ୍ ଉଚ୍ଚତା ବିଶିଷ୍ଟ (୧୦୫ ରୁ ୧୧୦ ସେ.ମି.) କିସମ ଅଟେ । ବୁଣା ଧାନ ଫସଲ ୧୪୦ ଦିନରେ ଏବଂ ତଳିରୁଆ ଫସଲ ୧୪୫ ଦିନରେ ପରିପକ୍ୱ ହୋଇଥାଏ ।

ସ୍ୱର୍ଣ୍ଣ ସବ-୧ ପ୍ରତି ହେକ୍ଟର ପିଛା ୪.୫-୫.୫ ଟନ୍ ଅମଳ ଦେଇଥାଏ ଏବଂ ଅଭାବ ପରିସ୍ଥିତିରେ ୩.୦ ରୁ ୪.୦ ଟନ୍ ଅମଳ ଦେଇଥାଏ । କୃଷକ ଯେଉଁ ଜମିରେ ସ୍ୱର୍ଣ୍ଣ କିସମ ଧାନକୁ ଚାଷ କରୁଛନ୍ତି, ସେହି ଜମିରେ ସ୍ୱର୍ଣ୍ଣ-ସବ-୧ କୁ ଚାଷ କରିପାରିବେ । ଏହି କିସମ ଖାଲୁଆ ଓ ମଧ୍ୟମ ଜମି ପାଇଁ ଉପଯୋଗୀ ଅଟେ । ଶାରଦରତୁରେ ଆକସ୍ମିକ ବନ୍ୟାରେ ୧୨-୧୪ ଦିନ ପର୍ଯ୍ୟନ୍ତ ବଡ଼ିପାଣି ସହଣୀ ଶକ୍ତିଏହି କିସମର ଅଛି । ଯେଉଁ ଅଞ୍ଚଳରେ ବନ୍ୟାଜଳ ୧୫-୬୦ ଦିନ ପର୍ଯ୍ୟନ୍ତ ରହେ ସେଇ ଅଞ୍ଚଳ ପାଇଁ ଏହି କିସମ ଉପଯୋଗୀ ନୁହେଁ ।

## ଚାଷ ପ୍ରଣାଳୀ :

### ଶୁଷ୍କ ତଳିଘେରା ପ୍ରସ୍ତୁତି :

- ତଳି ଘେରା ଜମିକୁ ଭଲଭାବେ ଚାଷ କରି ସମତୁଲ କରାଯାଏ । ତଳିଘେରା ଜମିକୁ ଉଚ୍ଚ କରାଯାଇଯାଇଥାଏ । ୧.୦ ମିଟର ପ୍ରସ୍ଥ ଏବଂ ଦରକାର ମୁତାବକ ଲମ୍ୱା ରଖାଯାଏ । ଏକ ବେଡରୁ ଅନ୍ୟ ବେଡଟି ୪୦ ସେ.ମି. ଦୂର ରଖାଯାଇଥାଏ । ପାଖାପାଖି ୧ ଏକର ଜମି ରୋଇବା ପାଇଁ ୧୦ ଡିସିମିଲି ଜମି ତଳିଘେରା ପାଇଁ ନିଆଯାଏ ।

### ବିହନ ଚୟନ ଏବଂ ମାତ୍ରା :

- ଆବଶ୍ୟକ ପରିମାଣର ଲୁଣ ଦ୍ରବଣ ହୃଷ୍ଟପୁଷ୍ଟ ବିହନ ଚୟନ ପାଇଁ ଦରକାର ପଡିଥାଏ । ଉପଯୁକ୍ତ ସାନ୍ଦ୍ରତା ପାଇଁ ୧ ଲିଟର ପାଣିରେ ୬୦ ଗ୍ରାମ ସାଧାରଣ ଲୁଣକୁ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ।
- ଲୁଣ ଦ୍ରବଣରେ ଧାନକୁ ବୁଡାଯାଏ, ଉପରେ ଭାସୁଥିବା ଅଳିଆ ଅଗାଡି ଆଦିକୁ ବାହାର କରି ଦିଆଯାଏ ଏବଂ ତାପରେ ଭଲ ପାଣିରେ ମଞ୍ଜିକୁ ଧୋଇ ବାହାର କରାଯାଏ ।
- ରୁଆଧାନ ପାଇଁ ପ୍ରତି ହେକ୍ଟର ପିଛା ୨୫-୩୦ କି.ଗ୍ରା. ଏବଂ ଖରୁଡି ବୁଣା ଫସଲ ପାଇଁ ୬୦-୭୦ କି.ଗ୍ରା. ଧାନ ନିଆଯାଇଥାଏ ।

### ବିହନ ବିଶୋଧନ:

**ଶୁଷ୍କ ମଞ୍ଜି ବୁଣୁଥିଲେ :** ପ୍ରତି କି.ଗ୍ରା. ବିହନ ପାଇଁ ବାଭିଷ୍ଟିନ୍ ୨.୦ ଗ୍ରାମ୍ ହିସାବରେ ଭଲଭାବରେ ଗୋଳାଇ ଦିଆଯାଏ । ମଞ୍ଜି ଗୋଳାଇବା ଯନ୍ତ୍ର ବ୍ୟବହାର କରିବା ଉଚିତ ।

**ବତର ବୁଣା କରୁଥିଲେ :** ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଏବଂ ୨୦ ଗ୍ରାମ୍ କ୍ୟାପ୍ଟନ ୨୦ ଲିଟର ପାଣିରେ ମିଶେଇ ତିଆରି କରିଥିବା ଦ୍ରବଣରେ ଧାନ ମଞ୍ଜିକୁ ୮-୧୦ ଘଣ୍ଟା ପର୍ଯ୍ୟନ୍ତ ବତୁରେଇ ରଖାଯାଏ । ଏହି ଦ୍ରବଣରେ ୧୦ କି.ଗ୍ରା. ଧାନ ମଞ୍ଜି ବିଶୋଧନ ହୋଇପାରିବ । ମଞ୍ଜିକୁ ପାଣିରୁ ବାହାର କରି ମଞ୍ଜିକୁ ବୁଣିବା ପୂର୍ବରୁ ଛାଇରେ ଶୁଖା ଯାଇଥାଏ ।

### ମଞ୍ଜି ବୁଣିବା ସମୟ:

- ଖରୁଡି ବୁଣା ଧାନ ପାଇଁ ଜୁନ୍ ମାସର ପ୍ରଥମ ୨ ସପ୍ତାହ ଉପଯୋଗୀ ଅଟେ ।
- ରୁଆ ଯାଉଥିବା ଫସଲ ପାଇଁ ଜୁନ୍ ମାସର ପ୍ରଥମ ସପ୍ତାହରେ ତଳି ପକାଇବା ଉଚିତ୍ ।

### ବତୁରି ତଳିଘେରା ପରିଚାଳନା :

- ମଞ୍ଜିକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବତୁରାଯାଏ, ଜଳକୁ ଭଲଭାବେ ନିଷ୍କାସନ କରିବା ପରେ ମଞ୍ଜିକୁ ଗଜାକରିବା ପାଇଁ ଅଖା ଦ୍ୱାରା ଘୋଡେଇ ଦିଆଯାଏ ।
- ଗଜା ବାହାରିବା ମଞ୍ଜିକୁ ତଳି ଘେରାରେ ବୁଣାଯାଏ ଏବଂ ତଳି ଘେରାକୁ ୫-୭ ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ ।
- ତଳିଘେରାରେ ତଳି ୨.୫ ସେ.ମି. ହୋଇଗଲେ ପାଣିର ଏକ ପତଳା ସ୍ତର ରଖାଯାଇଥାଏ ।
- ଦରକାର ପଡିଲେ କାର୍ବୋଫ୍ୟୁରାନ୍ ପ୍ରତି ହେକ୍ଟର ପିଛା ୧ କି.ଗ୍ରା. ହିସାବରେ ପ୍ରୟୋଗ କରାଯାଏ ।
- ତଳିଘେରାରୁ ତଳି ଉପୁଡେଇବାର ୭ ଦିନ ପୂର୍ବରୁ ପ୍ରତି ହେକ୍ଟରରେ ୧୦୦ କି.ଗ୍ରା. ଯବକ୍ଷାରଜାନ ଶୀର୍ଷ ସାର ହିସାବରେ ପ୍ରୟୋଗ କରାଯାଏ ।

### ଜମି ପ୍ରସ୍ତୁତି :

- ପ୍ରାକ ମୌସୁମୀ ବର୍ଷା କିମ୍ୱା ପୂର୍ବ ଫସଲ ଅମଳ ପରେ ପରେ ଜମିକୁ ଟ୍ରାକ୍ଟର ବା ବଳଦଟଣା ଲଙ୍ଗଳ ଦ୍ୱାରା ଚାଷ କରିଦେବା ଉଚିତ । ଯାହା ଫଳରେ ରୋଗପୋକ ଏବଂ ଅନାବନା ଘାସର ପ୍ରାର୍ଦୁଭାବରୁ ଧାନ ଫସଲକୁ ରକ୍ଷା କରାଯାଇପାରିବ ।
- ୭-୧୦ ଦିନ ଅନ୍ତରରେ ଜମିକୁ ଚାଷକରି ୨ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟସାରର ଉପଲବ୍‌ଧତା ବଢ଼ିଥାଏ । ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣିସ୍ତର ସମାନ ରହେ ।

### ତଳି ରୁଆ ଏବଂ ଲଗେଇବା ଦୂରତା:

- ଜୁଲାଇ ମାସର ପ୍ରଥମ ସପ୍ତାହରେ ତଳି ଲଗାଯାଏ । ପ୍ରତି ବୁଦାରେ ୨ ରୁ ୩ଟି ତଳି ହିସାବରେ ୨୦ × ୧୫ ସେ.ମି. ବ୍ୟବଧାନରେ ଲଗାଯାଏ । ଧାଡି ରୁଆ କରୁନଥିଲେ ଏକ ବର୍ଗ ମିଟର ପିଛା ୩୫-୪୦ ବୁଦା ରଖାଯାଏ ।
- ୭ ଦିନ ପରେ ଖାଲି ପଡିଥିବା ସ୍ଥାନମାନଙ୍କରେ ତଳି ଲଗେଇବା ଉଚିତ । ଦରକାର ପଡିଲେ ଖାଲି ସ୍ଥାନରେ ପିଲରେ ଥିବା ଧାନ ଗଛ ବ୍ୟବହାର କରି ତଳି ଦ୍ୱିତୀୟଥର ଲଗେଇବା ଉଚିତ ।
- ବିଳମ୍ୱରେ ତଳିରୋପଣ କରୁଥିଲେ ଗଛକୁ ଗଛ ଦୂରତା କମ୍ ରଖାଯାଏ (୧୫ × ୧୫ ସେ.ମି.) ଏବଂ ବୁଦା ପିଛା ୫-୬ ଟି ତଳି ଲଗାଯାଇଥାଏ । ଏହି ପରିସ୍ଥିତିରେ ଯବକ୍ଷାରଜାନ ସାରକୁ ମୂଳସାର ରୂପେ ଅଧିକ ଦିଆଯାଏ ।
- ଯଦି ତଳି ଘେରାରେ କାର୍ବୋଫ୍ୟୁରାନ ବିଶୋଧିତ ହୋଇନଥାଏ ତେବେ ତଳିକୁ ୧ମି.ଲି. କ୍ଲୋରୋପାଇରିଫସ (20 EC) କୁ ୧ ଲିଟର ପାଣିରେ ମିଶେଇ ତିଆରି କରିଥିବା ଦ୍ରବଣରେ ସାରାରାତି ରଖାଯାଏ, ଫଳରେ ଧାନଫସଲକୁ ମ୍ୟାଗଟ ଏବଂ କାଣ୍ଡବିନ୍ଧା ପୋକ ଦାଉରୁ ରକ୍ଷା ପାଇପାରିଥାଏ ।

### ରାସାୟନିକ ଖାଦ୍ୟସାର ପରିଚାଳନା :

- ଯବକ୍ଷାରଜାନ: ଫସ୍‌ଫରସ୍ :ପଟାସ :୬୦:୪୦:୪୦ କି.ଗ୍ରା. ପ୍ରତି ହେକ୍ଟର ହିସାବରେ ପ୍ରୟୋଗ କରାଯାଏ ।
- ମୂଳସାର ରୂପେ ଯବକ୍ଷାରଜାନ ସାରର ଅଧା, ପୂର୍ଣ୍ଣମାତ୍ରାର ଫସ୍ ଫରସ୍, ଦୁଇ ତୃତୀୟାଂଶ ପଟାସ ସାରକୁ ପ୍ରୟୋଗ କରାଯାଏ । ଅବଶିଷ୍ଟ ଯବକ୍ଷାରଜାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ୩ ସପ୍ତାହପରେ ଏବଂ ଅନ୍ୟ ଏକ ଭାଗଟି ଥୋଡସାର ରୂପେ ପ୍ରୟୋଗ କରାଯାଏ । ବାକି ଥିବା ଏକ ତୃତୀୟାଂଶ ପଟାସ ସାର ଥୋଡ ସାର ହିସାବରେ ପ୍ରୟୋଗ କରାଯାଏ ।
- ଯବକ୍ଷାରଜାନ ସାରକୁ ପିଲ ଏବଂ ଥୋଡ ସାର ରୂପେ ବ୍ୟବହାର କରିବା ସମୟରେ ଜଳ ନିଷ୍କାସନ କରିବା ଏବଂ ସାର ପ୍ରୟୋଗର ୨୬-୩୬ ଘଣ୍ଟା ପରେ ପୁଣି ଜଳସେଚନ କରିବା ଉଚିତ ।
- ଜିଙ୍କ୍ ଅଭାବ ପରିଲିଖିତ ଜମିରେ ହେକ୍ଟର ପିଛା ୨୫ କି.ଗ୍ରା. ଜିଙ୍କ୍ ପ୍ରୟୋଗ କରିବା ଉଚିତ୍ ।

### ଅନାବନା ଘାସ ପରିଚାଳନା :

- ପ୍ରତି ହେକ୍ଟର ପିଛା ପ୍ରେଟିଲାକ୍ଲୋର ୧.୬ ଲିଟର କିମ୍ୱା ଆନିଲୋଫସ୍ ୦.୫ କି.ଗ୍ରା. କୁ ୫୦୦ ଲିଟର ପାଣିରେ ମିଶେଇ ତଳି ରୋଇବାର ୪-୬ ଦିନ ମଧ୍ୟରେ ଅଳ୍ପ ପାଣିଥିବା ଜମିରେ ପ୍ରୟୋଗ ଦ୍ୱାରା ବହୁ ମାତ୍ରାରେ ଘାସ ନିୟନ୍ତ୍ରଣ ହୋଇଥାଏ ।
- ଉପୋରକ୍ତ ରାସାୟନିକ ପଦାର୍ଥକୁ ମଧ୍ୟ ୫୦ କି.ଗ୍ରା. ବାଲିରେ କିମ୍ୱା ୧୦ କି.ଗ୍ରା. ୟୁରିଆ ସାରରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରାଯାଇଥାଏ । ଜମିରୁ ୪୮ ଘଣ୍ଟା ଭିତରେ ଜଳ ନିଷ୍କାସନ କରିବା ଅନୁଚିତ ।
- କୌଣସି ରାସାୟନିକ ପ୍ରୟୋଗ କରୁନଥିଲେ ଏହା ବଦଳରେ ୨ ଥର ହାତବଛା ଧାନ ରୋଇବାର ୨୦ ଦିନ ଓ ୪୦ ଦିନ ପରେ କରାଯାଏ ।
- ଧାଡିରେ ଲଗାଯାଇଥିବା ଫସଲରେ କୋନୋ ଘାସ ବଛା ଯନ୍ତ୍ର ବ୍ୟବହାର କରି ଘାସ ନିୟନ୍ତ୍ରଣ କରାଯାଇପାରେ ।

### ଜଳ ପରିଚାଳନା :

- ତଳି ରୋପଣର ଏକ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ରତା ରଖିବା ଦ୍ୱାରା ଗଛ ସୁଦୃଢ଼ ରହେ ।
- ଫସଲ ବୃଦ୍ଧି ସମୟ ଠାରୁ ଆରମ୍ଭ କରି ଖିର ଢ଼ୋକିବା ଅବସ୍ଥାର ୧୫ ଦିନ ପର୍ଯ୍ୟନ୍ତ ୩-୫ ସେ.ମି. ର ଏକ ଜଳସ୍ତର ଜମିରେ ରଖାଯାଏ । କିନ୍ତୁ ଶୀର୍ଷ ସାର ପ୍ରୟୋଗ କରିବା ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪-୩୬ ଘଣ୍ଟା ପରେ ଜଳସେଚନ କରାଯାଇଥାଏ ।